# ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଜେଡିର ପ୍ରତିବାଦ

## କାମାକ୍ଷାନଗର କଲେଜ ଛାତ୍ରୀଙ୍କୁ ହତ୍ୟା ଘଟଣା

ଢେଙ୍କାନାଳ,୧୯।୩(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ଜଙ୍ଗଲ ମଧ୍ୟରେ +୨ ପ୍ରଥମ ବର୍ଷର ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ବାରିକଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରା ନ ଯାଇ ଘରୋଇ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ଦୀର୍ଘ ସମୟ ପରେ କଟକ ଏସ୍‌ସିବି ଏମ୍‌ସିକୁ ପଠାଯାଇଛି। ଏହି ଘଟଣାକୁ ନେଇ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଛି।



ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ପହଞ୍ଚିବା ପରେ ବିଜେଡି ନେତୃବୃନ୍ଦ ପ୍ରତିବାଦ କରିବା ସହ ପ୍ରଶାସନ ଓ ପୋଲିସ ଉପରେ ବର୍ଷିଛନ୍ତି। ଢେଙ୍କାନାଳ ଜିଲା ଅପରାଧର ରାଜଧାନୀ ପାଲଟିଥିବା ବେଳେ ଏଠାରେ ପ୍ରଶାସନ ଓ ପୋଲିସ ଶଯ୍ୟାଶାୟୀ ବୋଲି କହିଛନ୍ତି। ଜିଲାରେ ବର୍ଷକ ମଧ୍ୟରେ ୭୫ଟି ବଳାତ୍କାର ଓ ୪୫ଟି ହତ୍ୟା ଘଟଣା ଘଟିଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ କହିଛନ୍ତି, କଲେଜ ଛାତ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପରିବାର ଲୋକଙ୍କୁ ଯେଉଁଭଳି ଭାବରେ ହଇରାଣ ହରକତ କରାଗଲା, ତାହା ଅତି ନିନ୍ଦନୀୟ। ଛାତ୍ରୀ ଜଣକ ନିଖୋଜ ହେବା ପରେ ପରିବାର ଲୋକ ପୋଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଷ୍ଟେଶନ ଡାଏରୀ କରି ସକାଳୁ ଦେଖିବା କହିବା ଘଟଣାକୁ ନେଇ ପୋଲିସ ତତ୍ପରତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ସବୁଠୁ ଲଜ୍ଜାଜନକ ବୋଲି ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି କହିଛନ୍ତି।

ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଓ ଢେଙ୍କାନାଳ ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କହିଛନ୍ତି, ଅଭିଯୁକ୍ତଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ କରାଯାଉ ଏବଂ ମୃତଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯାଉ। ମୃତକଙ୍କ ପରିବାରକୁ ୨କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ।

ସନ୍ଧ୍ୟାରେ ବିଜେଡି ନେତୃବୃନ୍ଦ ଶବ ବ୍ୟବଚ୍ଛେଦ ପ୍ରକୋଷ୍ଠ ଆଗରେ ଧାରଣାରେ ବସିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ଆର୍ଯ୍ୟାନ ଦାସ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ଟାଉନ ସଭାପତି ବିନୋଦ ମହାନ୍ତି, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଉର୍ବଶୀ ମହାପାତ୍ର, ରଞ୍ଜନ ନାୟକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ କୁଳଦୀପ ମହାପାତ୍ର, ଗଙ୍ଗାଧର ରାଉତ, ଭୁବନ ବ୍ଲକ ବିଜେଡି ସଭାପତି ରମେଶଚନ୍ଦ୍ର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ। ଧାରଣାରେ ବସିଥିବା ବିଜେଡି ନେତୃବୃନ୍ଦଙ୍କ ସହ ଏସ୍‌ପି ଫୋନ୍‌ରେ ଆଲୋଚନା କରିଥିଲେ। ଯେହେତୁ ମୃତ ଛାତ୍ରୀଙ୍କର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଛି, ତେଣୁ ଏହାର ବ୍ୟବଚ୍ଛେଦ ଏସ୍‌ସିବି ଏମ୍‌ସିରେ ହେବା ନିତାନ୍ତ ଆବଶ୍ୟକ ବୋଲି ବୁଝାଇବା ପରେ ରାତି ୭ଟା ୪୫ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।





କାମାକ୍ଷାନଗର କଲେଜ ଛାତ୍ରୀ ହତ୍ୟା ଘଟଣାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରୁଛି। ଘଟଣାସ୍ଥଳରେ ଅଞ୍ଚଳବାସୀଙ୍କ ଭିଡ଼ ଜମିଛି।

# ରାଷ୍ଟ୍ରୀୟ ନବବର୍ଷ ପାଳିତ



ଓଡ଼ାପଡ଼ା, ୧୯।୩ (ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧଳପୁରଠାରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବରେ ନିର୍ମଳ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ଶିଶୁ ଭଉଣୀ ଭାଇମାନଙ୍କୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସମ୍ପାଦକ ସର୍ବେଶ୍ୱର ସାହୁ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ତିଲୋତ୍ତମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବିକା ସେବକ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ନବବର୍ଷ ଅବସରରେ ଗଣଦୌଡ଼

ଭୁବନ, ୧୯।୩ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ରାମନବମୀ ଅନୁଷ୍ଠାନ ପକ୍ଷରୁ ଗୁରୁବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଏହି ଅସରରେ ଗଣଦୌଡ଼ କରାଯାଇଥିଲା। ସମସ୍ତ ସଦସ୍ୟମାନଙ୍କ ସହିତ ଭୁବନର ହଜାର ହଜାର ଛାତ୍ରୀଛାତ୍ର, ଯୁବପିଢି ଗଣଦୌଡ଼ରେ ସାମିଲ ହୋଇଥିଲେ। ଏହି ଗଣଦୌଡ଼କୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉଦ୍‌ଘାଟନ କରିଥିବା ବେଳେ ଭୁବନ ଏନଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ଦିଲୀପ କୁମାର ଦାସଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହୋଇ ସହଯୋଗ କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ପଟ୍ଟନାୟକ, ଦେବବ୍ରତ ପୃଷ୍ଟି, ହୃଷିକେଶ ସାହୁ, ନିରଞ୍ଜନ ଗୁରୁ, ସନ୍ତୋଷ କୁମାର ବିହାରୀ, ଅଜିତ କୁମାର ବିହାରୀ ଓ ଭବାନୀ ଶଙ୍କର ବେହେରାଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଗଣଦୌଡ଼ ରାମମନ୍ଦିର ପରିସରରୁ ବାହାରି ସହରର ବିଭିନ୍ନ ଅଞ୍ଚଳ ଦେଇ ରାମମନ୍ଦିରଠାରେ ପହଞ୍ଚିଥିଲା।



କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଗଣଦୌଡ଼କୁ ଉଦ୍‌ଘାଟନ କରୁଛନ୍ତି।

# ଯୁବକଙ୍କ କଙ୍କାଳ ଜବତ, ଆତ୍ମହତ୍ୟା ସନ୍ଦେହ

ପରଜଙ୍ଗ, ୧୯।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଦରସିଂହା ଦଳିତ ବସ୍ତିର ଗଣେଶ ନାୟକ ଗତ ଫେବୃଆରୀ ୧୫ରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପରିବାର ଲୋକେ ୨୦ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୨ ତାରିଖରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟା ପୂର୍ବରୁ ଯୁବକ ମୋବାଇଲରେ ବହୁ ଭିଡିଓ ପୋଷ୍ଟ କରିଥିଲେ। ଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସନ୍ଧ୍ୟାରେ ପରଜଙ୍ଗ ଶାଖା କେନାଲର କନ୍ଦରସିଂହା ଛକଠାରୁ କିଛି ଦୂରରେ ଏକ କଙ୍କାଳ ପଡ଼ିଥିବା ଲୋକେ ଦେଖି ଯୁବକଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ସେଠାକୁ ଯାଇ ବେକରେ ଲାଗିଥିବା ଗାମୁଛାରୁ ସେ ଗଣେଶ ବୋଲି ଚିହ୍ନଟ କରିବା ସହ ପୋଲିସକୁ ଖବର ଦେଇଥିଲେ। ପରଜଙ୍ଗ ଥାନା ଏଏସଆଇ ଯୁଗଳ ପ୍ରଧାନ, ଜଳନ୍ଧର ବାରିକ ପହଞ୍ଚି କଙ୍କାଳ ଜବତ କରିଥିଲେ। ଏକ ଗଛରେ ଅଧା ଗାମୁଛା ବନ୍ଧା ହୋଇଥିବା ଅବସ୍ଥାରେ ରହିଥିବା ବେଳେ ଯୁବକଙ୍କ ବେକରେ ଅଧା ଗାମୁଛା ଲାଗିରହିଥିଲା। ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଗଙ୍ଗାଧରଙ୍କ ତପସ୍ୱିନୀ କାବ୍ୟ ଅତୁଳନୀୟ



ଢେଙ୍କାନାଳ,୧୯।୩(ରତନ ନାୟାର)

ଢେଙ୍କାନାଳ ଦେଉଳସାହି କବିଭୂଷଣ ମାର୍ଗ କବି କୁଟିରଠାରେ କବି ଗଙ୍ଗାଧର ମେହେରାଙ୍କ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏଥିସହିତ କବି ରାଜକିଶୋର ପଟ୍ଟନାୟକଙ୍କ ତିରୋଧାନ ଦିବସ ମଧ୍ୟ ପାଳିତ ହୋଇଯାଇଛି। ସଂସଦର ସଭାପତି ଶଙ୍କର୍ଷଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ତପନ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ପ୍ରକୃତି କବି ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟ ଅତୁଳନୀୟ ବୋଲି କହିବା ସହ ସେ କାଳିଦାସଙ୍କ ପରି ଉଚ୍ଚକୋଟୀର କବି ଥିଲେ ବୋଲି ମତବ୍ୟକ୍ତ କରିଛନ୍ତି। ସଂସଦର ସମ୍ପାଦକ ଶିଳ୍ପୀ ପରେଶ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅର୍ଥ ସମ୍ପାଦିକା ସୁମିତାରାୟ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. କବିତା ମହାନ୍ତି ଓ ନୃସିଂହ ମହାନ୍ତି କବିତାପାଠ କରିଥିଲେ।

# ବିହାର ଯିବ 'ଢୋଲିଆ'

## ଜାତୀୟ ବହୁଭାଷୀ ନାଟକ ମହୋତ୍ସବରେ ମଞ୍ଚସ୍ଥ ହେବ

ଢେଙ୍କାନାଳ,୧୯।୩(ରତନ ନାୟାର)

ଢେଙ୍କାନାଳର ବିଶିଷ୍ଟ ନାଟ୍ୟକାର ଓ ଅଭିନେତା ଦିନେଶ ଦାସଙ୍କର ପରିକଳ୍ପନାରେ ରଚିତ ନାଟକ 'ଢୋଲିଆ' ବିହାରର ବେଗୁସରାଇଠାରେ ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା କଳାରକ୍ଷୀ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ର ଜାତୀୟ ବହୁଭାଷୀ ନାଟକ ମହୋତ୍ସବରେ ମଞ୍ଚସ୍ଥ ହେବ । ନାଟକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଢେଙ୍କାନାଳର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ଅଲଟନେଟିଭ୍ ରିଦିମ ଥିଏଟରକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଯୋଗୁ ଏହି ନାଟକ ମହୋତ୍ସବ ପାଇଁ ଆମନ୍ତ୍ରଣ କରାଯାଇଥିବା ନାଟ୍ୟକାର ଦିନେଶ ଦାସ ସୂଚନା ଦେଇଛନ୍ତି । ଦିନେଶ ଦାସ ନାଟକକୁ ନିର୍ଦ୍ଦେଶନା ଦେଇଥିବା ବେଳେ ନିଜେ ଅଭିନୟ ମଧ୍ୟ କରିଛନ୍ତି । ସଙ୍ଗୀତ ପରିଚାଳନା କରିଛନ୍ତି ମଣ୍ଟୁ । ଆଲୋକ ରଚନା ବିକାଶ ପ୍ରଧାନ ଓ ବିଜ୍ଞାନ ମହାନ୍ତି ଏବଂ ମଞ୍ଚ ପରିଚାଳନା କରିବେ ମାଧବ ହେମ୍ବ୍ରମ । ଏହି ମହୋତ୍ସବରେ ଭାଗନେବା ପାଇଁ ଅଲଟରନେଟିଭ ରିଦିମ ଥିଏଟର ନାଟ୍ୟଦଳ ଆସନ୍ତା ୨୪ ତାରିଖରେ ବେଗୁସରାଇ ଅଭିମୁଖେ ଯାତ୍ରା କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।



ନାଟକ ଢୋଲିଆର ଏକ ଦୃଶ୍ୟ।

# ଉଦ୍ଧାର କୁଟୁରା କପିଳାସ ଗଲା



ପରଜଙ୍ଗ,୧୯।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୫୩ ନଂ. ଜାତୀୟ ରାଜପଥର ବାଇପାସ ରାସ୍ତା ନିକଟରେ ଥିବା କୁନାଲ ଠିକା ସଂସ୍ଥା ମଧ୍ୟରେ ଥିବା ଏକ ପରିତ୍ୟକ୍ତ କୂଅରୁ ଗୁରୁବାର ଅପରାହ୍ନରେ ଏକ କୁଟୁରାକୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛି। କୁଟୁରାଟି କୂଅରେ ପଡ଼ିଥିବା ଜଣେ ବ୍ୟକ୍ତି ଦେଖିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ କୁଟୁରାକୁ ଉଦ୍ଧାରକରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା ପହଞ୍ଚି କୁଟୁରାକୁ ଆଣି ପରଜଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରିବା ପରେ କପିଳାସ ଚିଡ଼ିଆଖାନାକୁ ପଠାଇଥିଲେ। ଉକ୍ତ କୁଟୁରାଟି ପ୍ରାୟ ୨ ବର୍ଷର ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

# ଏକଦିବସୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ




ଏକଦିବସୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୧୯।୩(ରତନ ନାୟାର)

ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲ ପରିସରରେ ଓସେପା, ଅବିନବ ବିନ୍ଦ୍ରା ଫାଉଣ୍ଡେଶନ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ପୁନଃ ତାଲିମ କାର୍ଯ୍ୟକ୍ରମ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀଗୃହ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇତିଶ କୁମାର ବରାଳଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ପୂର୍ବତନ ଶାରିରୀକ ଶିକ୍ଷା ଅଧିକାରୀ ପ୍ରକାଶ ବେହେରା, ଶିକ୍ଷାବିତ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଓସେପାର ମୁଖ୍ୟ ସମ୍ବଳ କର୍ମୀ ମାନସ କୁମାର ମହାନ୍ତି, ଅବିନବ ବିନ୍ଦ୍ରା ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ଅମିତ ମଲିକ, ତାଲିମଦାତା ଲକ୍ଷ୍ମୀପ୍ରିୟା ପ୍ରଧାନ ତାଲିମ ପ୍ରଦାନ କରିଥିଲେ । ସଂସ୍କୃତ ଶିକ୍ଷୟିତ୍ରୀ ଅନୁପମା ମିଶ୍ର ମଙ୍ଗଳାଚରଣ ଗାନ କରିଥିଲେ। ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ସୁବ୍ରତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ବନିତା ସାହୁ ଓ କାର୍ଯ୍ୟାଳୟ ସହାୟକ ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଦର ଓ ଓଡ଼ାପଡ଼ା ବ୍ଲକରୁ ୬୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ ।




ଅନୁଗୋଳସ୍ଥିତ ବ୍ରାହ୍ମଣୀଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ମହିଳାମାନେ କଳସଯାତ୍ରାରେ ଯାଉଛନ୍ତି। (ଫଟୋ-ଜ୍ୟୋତିରଞ୍ଜନ ସାହୁ)

**ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ**

ବଣ୍ଡା, (ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ଗ୍ରାମର ନିରାକାର ନାୟକଙ୍କୁ ତାଙ୍କ ପୁଅ ସୁମନ୍ତ ନାୟକ ଟାଙ୍ଗିଆରେ ଆକ୍ରମଣ କରିଥିବା ନିରାକାର ବୁଧବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୫/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ନିରାକାର ଘରେ ଥିବାବେଳେ କୌଣସି କାରଣ ନ ଥାଇ ସୁମନ୍ତ ଆସି ଗାଳିଗୁଲଜ କରିଥିଲେ। ପରେ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।



# ଶିଶୁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

## ଅନୁଗୋଳରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା

ଅନୁଗୋଳ, ୧୯।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲାରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର, ସଦସ୍ୟା ମନସ୍ମିତା ଖୁଣ୍ଟିଆ ଓ କସ୍ତୁରୀ ମିଶ୍ର ଗୁରୁବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ବିଭିନ୍ନ ଶିଶୁ ସଂରକ୍ଷଣ କେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର ଓ ଆବାସିକ ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରିଥିଲେ। ପୂର୍ବାହ୍ନରେ ସେମାନେ ବଆଁରପାଳ ଆଶ୍ରମ ବିଦ୍ୟାଳୟକୁ ଯାଇ ଶିଶୁମାନଙ୍କ ଶିକ୍ଷାଦାନ ପ୍ରଣାଳୀ, ରହଣି, ପୋଷଣ ଓ ସ୍ୱାସ୍ଥ୍ୟ ସୁବିଧା ସମ୍ପର୍କରେ ଖୋଜଖବର ନେଇଥିଲେ। ପରେ ଅନୁଗୋଳ ଜୁଭେନାଇଲ ଅବଜରଭେଶନ ହୋମ୍ ଓ ଉତ୍କଳ ବାଳାଶ୍ରମ ପରିଦର୍ଶନ କରି ଶିଶୁମାନଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ଅବଗତ ହୋଇଥିଲେ। ଏହି ଗସ୍ତ ସମୟରେ ହିଙ୍ଗୁଳା ମନ୍ଦିର ନିକଟରୁ ଭିକ୍ଷାବୃତ୍ତିରେ ଲିପ୍ତ ୨ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଏପରି ଘଟଣା ରୋକିବା ପାଇଁ ଜିଲା ପ୍ରଶାସନକୁ ସତର୍କ ଓ ସକ୍ରିୟ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଜିଲାର ସମସ୍ତ ଶିଶୁଗୃହ, ବାଳାଶ୍ରମ, କନ୍ୟାଶ୍ରମ ଓ ଆଦୃତ ଗୃହଗୁଡ଼ିକର ସ୍ଥିତି ଏବଂ ପରିଚାଳନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁମାନେ କିପରି ସରକାରୀ ଯୋଜନା, ପୋଷଣ ଯୋଜନା ଓ ଶିକ୍ଷା ଯୋଜନାରୁ ଲାଭାନ୍ୱିତ ହେଉଛନ୍ତି, ସେଥିପାଇଁ ତଥ୍ୟ ଆଲୋଚିତ ହୋଇଥିଲା। ଅଧକ୍ଷା ବାଲ୍ୟ ବିବାହ, ଶିଶୁ ଭିକ୍ଷାବୃତ୍ତି, ଶିଶୁ ଶ୍ରମ ଓ ବେଆଇନ ଶିଶୁ ବିକ୍ରି ପରି ଗୁରୁତର ସମସ୍ୟାକୁ ରୋକିବା ପାଇଁ ସମ୍ପର୍କିତ ବିଭାଗଗୁଡ଼ିକୁ ସମନ୍ୱୟରେ କାମ କରିବା ଉପରେ ଜୋର୍ ଦେଇଥିଲେ। ସେହିପରି ଅଙ୍ଗନୱାଡ଼ି ଓ ଛତୁଆ କେନ୍ଦ୍ରଗୁଡ଼ିକରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଜିଲା କାର୍ଯ୍ୟାଳୟ ସହ ସେଣ୍ଟ୍ରାଲାଇଜ୍ଡ କରି ନିରନ୍ତର ନିରୀକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଆବାସିକ ବିଦ୍ୟାଳୟ ଓ ଶିଶୁଗୃହଗୁଡ଼ିକରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା, ପୋଷଣ ଯାଞ୍ଚ ଓ ନିୟମିତ କ୍ଷେତ୍ର ପରିଦର୍ଶନକୁ ଗୁରୁତ୍ୱ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ମଧ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଜିଲାରେ ଶିଶୁ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆୟୋଗକୁ ଅବଗତ କରାଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଜିଲା ସମାଜ କଲ୍ୟାଣ ଅଧିକାରୀ ନିରୁପମା ପାଣି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା, ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

# ୧୪୭୨ ବୟସ୍କ ଦେଲେ ପରୀକ୍ଷା

ବଆଁରପାଳ, ୧୯।୩ (ସୁବାସ ସାହୁ)

ନବ ଭାରତ ସାକ୍ଷରତା ଅଭିଯାନ ଦ୍ୱାରା ପରିଚାଳିତ ଉଲ୍ଲାସ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି। ଗତ ୨୦୨୫-୨୬ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ଅନୁଗୋଳ ଜିଲା ବଆଁରପାଳ ବ୍ଲକର ୧୬ଟି କ୍ଲଷ୍ଟରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫଏମ୍‌ଏନ୍‌ଏଟି) ପରୀକ୍ଷା ସଫଳତାର ସହ ସମ୍ପନ୍ନ ହୋଇଛି। ବ୍ଲକର ମୋଟ ୧୪୭୨ ଜଣ ବୟସ୍କ ନାଗରିକ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ନୀରକ୍ଷର ମହିଳା ଓ ପୁରୁଷଙ୍କୁ ସାକ୍ଷର କରିବା ଲକ୍ଷ୍ୟ ରହିଛି। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଶୀଲ କୁମାର ନାଏକ, ସଞ୍ଜୀବ କୁମାର ଦେହୁରୀ ଓ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ମାନସ ରଞ୍ଜନ ପୃଷ୍ଟି ବିଭିନ୍ନ କେନ୍ଦ୍ର ଗସ୍ତକରି ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ୧୬ଟି କ୍ଲଷ୍ଟର ସଂଯୋଜକଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍ୱେଚ୍ଛାସେବୀ ପରୀକ୍ଷା ପରିଚାଳନା କରିଥିଲେ।

# ସିଦ୍ଧାର୍ଥ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି

ଅନୁଗୋଳ, ୧୯।୩ (ଦିବ୍ୟଶାନ୍ତନୁ ନାଥ)


ସିଦ୍ଧାର୍ଥ ରାଉତରାୟ।

ଭାଜପା ରାଜ୍ୟ ସଙ୍ଗଠନ ପକ୍ଷରୁ ଅନୁଗୋଳ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ ସିଦ୍ଧାର୍ଥ ରାଉତରାୟଙ୍କ ନାମ ଘୋଷଣା କରାଯାଇଛି। ସିଦ୍ଧାର୍ଥ ଏହା ପୂର୍ବରୁ ଜିଲା ଯୁବମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ତୁଲାଇ ସାରିଥିବାବେଳେ ବିଗତ ଦିନରେ ସଙ୍ଗଠନ ମଜଭୁତ କରିଥିବା ରାଉତରାୟ ପ୍ରକାଶ କରିଛନ୍ତି। ପୁନର୍ବାର ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ସଭାପତି ଭାବେ ଦାୟିତ୍ୱ ଦେଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସଭାପତି ଯଯାତି ପଟନାୟକ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦ୍ୱିତୀୟ ପାଳିରେ ଯୁବମୋର୍ଚ୍ଚାକୁ ଅଧିକ ସୁଦୃଢ଼ କରିବା ସହ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ ପ୍ରଚେଷ୍ଟା କରିବେ ବୋଲି ରାଉତରାୟ ପ୍ରକାଶ କରିଛନ୍ତି।

# ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ପାଲଲହଡ଼ା, ୧୯।୩ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡ ସାଦରମହକୁମାସ୍ଥିତ ଶରତ ଚନ୍ଦ୍ର କ୍ଲବଠାରେ ଗୁରୁବାର ଭାରତୀୟ ଜନତା ପାର୍ଟି ପାଲଲହଡ଼ା ମଣ୍ଡଳ ଦ୍ୱାରା ପଣ୍ଡିତ ଦୀନଦୟାଲ ଉପଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ୩ଟି ସୂତ୍ରରେ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ଉପସଭାପତି ନୃସିଂହ ଚରଣ ବରାଳ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ସାମଲ, ମଣ୍ଡଳ ସଭାପତି ଆଶିଷ ସାମଲ ଓ ଭାଜପା ପାଲଲହଡ଼ା ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚାଉଳ ଅଭାବରୁ ମଧ୍ୟାହ୍ନଭୋଜନ ରୋଷେଇ ବନ୍ଦ

ପାଲଲହଡା, ୧୯।୩ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଶିକ୍ଷା ଜିଲାରେ ଚାଉଳ ଯୋଗାଣ ବନ୍ଦ ଥିବାରୁ ଗୁରୁବାର ଚଷା ଗୁରୁଜାଙ୍ଗ ପଞ୍ଚାୟତର ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ ହୋଇପାରି ନ ଥିଲା। ଫଳରେ ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ଯାଏ ପଢୁଥିବା ୭୨ ଛାତ୍ରୀଛାତ୍ର ଭୋକରେ ଘରକୁ ଫେରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପାଲଲହଡ଼ା ଶିକ୍ଷା ଜିଲାରେ ୨୪୧ଟି ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ଅଚଳାବସ୍ଥା ଦେଖାଦେଇଛି। ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ସ୍କୁଲରେ ଚାଉଳ ନ ଥିବା ଜଣା ପଡ଼ିଥିବାବେଳେ ଗୁରୁଜାଙ୍ଗ ପଞ୍ଚାୟତର ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ ହେଇନାହିଁ। ଏହାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଛନ୍ତି। ପାଖାପାଖି ୧୫ ଦିନ ହେବ ଚାଉଳ ନ ଥିବାରୁ ଧାରକରି ମଧ୍ୟାହ୍ନଭୋଜନ ଚଳାଯାଉଥିଲା। ବୁଧବାର ଚାଉଳ ସରିଯାଇଥିବାରୁ ଗୁରୁବାର ମଧ୍ୟାହ୍ନଭୋଜନ ରୋଷେଇ ହୋଇପାରି ନ ଥିଲା। ଏଥିଯୋଗୁ ୧୦ଟା ୩୦ ପରିବର୍ତ୍ତେ ପୂର୍ବାହ୍ନ ୯ ଟାରେ ସ୍କୁଲ ଛୁଟି କରାଯାଇଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଏ ସମ୍ପର୍କରେ ପାଲଲହଡ଼ା ବିଇଓ ସତ୍ୟବାଦୀ ସାମଲ କହିଛନ୍ତି, ବାସ୍ତବରେ ଚାଉଳ ଅଭାବ ରହିଛି। ଜିଲାରୁ ଚାଉଳ ଆସିପାରିନାହିଁ। ଚାଉଳ ଅଭାବରୁ ବହୁ ସ୍କୁଲରେ ମଧ୍ୟାହ୍ନଭୋଜନ ରୋଷେଇ ବନ୍ଦ ହେଇଯିବା ଆଶଙ୍କା ରହିଛି।

# ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ସମୀକ୍ଷା


ଜଙ୍ଗଲ ଆଇନ ସମ୍ପର୍କରେ ଜନସାଧାରଣଙ୍କ ଉପସ୍ଥିତିରେ ସମୀକ୍ଷା କରାଯାଉଛି।

ଅନୁଗୋଳ, ୧୯।୩ (ଦିବ୍ୟଶାନ୍ତନୁ ନାଥ)

ଜାତୀୟ ମାନବାଧିକାର କମିଶନର ସ୍ପେସିଆଲ ମନିଟର ଆର୍. ହେମନ୍ତ କୁମାର ଗୁରୁବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ସାତକୋଶିଆ ଅଭୟାରଣ୍ୟ ଅଧୀନ ୩ ଗୋଟି ଗ୍ରାମରେ ଜଙ୍ଗଲ ଅଧିକାର ଆଇନ ସମ୍ବନ୍ଧୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ସାତକୋଶିଆ ଅଞ୍ଚଳର ବଲଙ୍ଗ ପଞ୍ଚାୟତର ପମ୍ପାସର, ଜୁକୁବ ତଥା ଲବଙ୍ଗୀ ଗ୍ରାମରେ ଜଙ୍ଗଲ ଅଧିକାର ମାଧ୍ୟମରେ ସ୍ୱୀକୃତି ଅଧିକାର ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ଜନସାଧାରଣଙ୍କ ମତାମତ ମଧ ଲୋଡ଼ିଥିଲେ। ଏହି ଗସ୍ତ ସମୟରେ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର ଏବଂ ଜଙ୍ଗଲ ବିଭାଗର ବିଭିନ୍ନ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଆଁରପାଳଖଣ୍ଡରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ

ସନ୍ତ୍ରୀଛକ, ୧୯।୩ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଆଁରପାଳ ଠାରେ ଗୁରୁବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠାତାଙ୍କ ପୁଣ୍ୟ ଜନ୍ମତିଥି, ଭାରତୀୟ କାଳଗଣନା ଓ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ବିଷୟରେ ଆଲୋକପାତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ପ୍ରଭାତ କୁମାର ଧୀର, ରଞ୍ଜନ କୁମାର ବିଷୋୟୀ, ଶାନ୍ତନୁ କୁମାର ଅମାନ୍ତ, ବିକାଶ କୁମାର ସାହୁ, ବବୁଲ ସାହୁ, ଅନିଲ କୁମାର ସାହୁ, ସୁବ୍ରତ କୁମାର ସାହୁ, ଗଣେଶ୍ୱର ସାମଲ, ସୁବ୍ରତ କୁମାର ସାମଲ, ଦିବ୍ୟରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦୟାନନ୍ଦ ବୈଦିକ ସାଧନା ଆଶ୍ରମରେ ଯଜ୍ଞ

କଣିହାଁ, ୧୯।୩ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଦୟାନନ୍ଦ ବୈଦିକ ସାଧନା ଆଶ୍ରମରେ ଚୈତ୍ର ଶୁକ୍ଳ ପ୍ରତିପଦା ପରିପ୍ରେକ୍ଷୀରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ସଞ୍ଚାଳକ ସ୍ୱାମୀ ଶ୍ରୀସତ୍ୟ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଦିକ ହୋମଯଜ୍ଞରେ ଆଶ୍ରମ ସଭାପତି ଜଗମୋହନ ପ୍ରଧାନ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଆର୍ଯ୍ୟମାନଙ୍କ ଦ୍ୱାରା ବେଦ ପାଠ ପରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦୟାନନ୍ଦ ବୈଦିକ ସାଧନା ଆଶ୍ରମ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଧୁମ୍‌ଧାମରେ ପାଳିତ ହେବ ପାଲଲହଡ଼ା ମହୋତ୍ସବ


ବୈଠକରେ ଉପସ୍ଥିତ ବିଧାୟକ, ଉପଜିଲାପାଳଙ୍କ ସହ ଅନ୍ୟମାନେ।

ପାଲଲହଡ଼ା, ୧୯।୩ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ପାଲଲହଡ଼ା ମହୋତ୍ସବ-୨୦୨୬ ନିମନ୍ତେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଉପସ୍ଥିତିରେ ବୈଠକରେ ମହୋତ୍ସବ ବ୍ୟବସ୍ଥା ଯଥା ପାଲଲହଡ଼ାର ଲୋକକଳା, ଲୋକ ସଂସ୍କୃତି କିପରି ଭାବେ ପ୍ରଦର୍ଶନ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ୩ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ଅତିଥିଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାରଙ୍କ ସହ ଯୋଗାଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର ପଟେଲ, ସମସ୍ତ ବିଭାଗୀୟ ଅଧିକାରୀ, ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ ଓ ଲିଙ୍ଗରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର, କର୍ମଚାରୀ ନାହାନ୍ତି: ରୋଗୀ ହନ୍ତସନ୍ତ

ଛେଣ୍ଡିପଦା, ୧୯।୩ (ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଅପରାହ୍ନରେ ଡାକ୍ତର ଓ କର୍ମଚାରୀ ନ ଥିବାରୁ ରୋଗୀ ହନ୍ତସନ୍ତ ହୋଇଛନ୍ତି। ଫଳରେ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ସୂଚନା ଅନୁଯାୟୀ, ଅପରାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ର ୩ ରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବା ସରକାରୀ ନିୟମ ଥିବାବେଳେ ଡାକ୍ତର କିମ୍ବା କୌଣସି କର୍ମଚାରୀ ନ ଥିବାରୁ ବହୁ ଘଣ୍ଟାଧରି ରୋଗୀ ଅପେକ୍ଷା କରିଥିଲେ। ଅପରାହ୍ନ ୩ଟା ବେଳେ ଖାମର ଗ୍ରାମର ଏକ ଶିଶୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲ ଆସିଥିଲେ। କିନ୍ତୁ ଡାକ୍ତରଖାନାରେ ଡ୍ରେସର, ଏଲ୍‌ଟି ଦିଦି ଓ ଜଣେ ସୁଇପର ଥିଲେ। ପ୍ରାୟ ଦେଢ଼ ଘଣ୍ଟା ଅପେକ୍ଷା ପରେ ମଧ କୋଣସି କର୍ମଚାରୀ ନ ଆସିବାରୁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇବା ପରେ ଜଣେ ନର୍ସ ଓ ଫାର୍ମାସିଷ୍ଟ ଆସି ପହଞ୍ଚିଥିଲେ। ଏ ନେଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ କହିଛନ୍ତି, ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ର ଘଟଣାକୁ ନେଇ କୋଶଳା ବିପିଏଚ୍‌ଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# କାର୍ ଧକ୍କାରେ ପୁତୁରା ମୃତ, ଦାଦା ଆହତ

ସନ୍ତ୍ରୀଛକ, ୧୯।୩ (ସନ୍ତୋଷ ପରିଡ଼ା)


ମୃତ ନାବାଳକ ସତ୍ୟଜିତ ନାୟକ।

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ବଆଁରପାଳ ବ୍ଲକ ନୂଆହତା ବାଇପାସ୍‌ଠାରେ ଗୁରୁବାର ସକାଳେ ଏକ କାର୍ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ତାଙ୍କ ଦାଦା ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ନୂଆହତା ଯୋରଗାଡ଼ିଆ ପାଇକ ସାହିର ଗଗନ ନାୟକ (୪୫) ଓ ପୁତୁରା ସତ୍ୟଜିତ ନାୟକ (୧୬) ବଆଁରପାଳ ବଜାରକୁ ବାଇକ୍ (ନଂ. ଓଡି୧୯ଡବ୍ଲ୍ୟୁ ୩୯୪୪)ରେ ଆସିଥିବାବେଳେ ନୂଆହତା ବାଇପାସ୍ ଠାରେ ଏକ କାର୍ (ନଂ. ଓଡି୦୨ସିଜି ୫୯୨୯) ଧକ୍କା ଦେଇଥିଲା। ଫଳରେ ଗଗନ ସାମାନ୍ୟ ଆହତ ହୋଇଥିବାବେଳେ ସତ୍ୟଜିତ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ସତ୍ୟଜିତଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ଗାଡ଼ି ଦୁଇଟି ଜବତ କରିବା ସହ ଏ ସଂକ୍ରାନ୍ତରେ ଥାନାରେ ନମ୍ବର ୧୬୫/୨୬ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

# ହିନ୍ଦୁ ନବବର୍ଷର ମହତ୍ତ୍ୱ ଜାଣିଲେ ଛାତ୍ରୀଛାତ୍ର

ବଆଁରପାଳ, ୧୯।୩ (ସୁବାସ ସାହୁ)/ଛେଣ୍ଡିପଦା (ଅଜିତ ଧଳ)

ବଆଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଲକ୍ଷ୍ମୀଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଦିବା ପର୍ଯ୍ୟାୟର ପ୍ରମୁଖ ତନ୍ମୟ କୁମାର ନାଥ ହିନ୍ଦୁ ନବବର୍ଷର ଐତିହ୍ୟ ଓ ମହତ୍ତ୍ୱ ବିଷୟରେ ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ସମସ୍ତ ଗୁରୁମା ଓ ଗୁରୁଜୀ ସହଯୋଗ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରାମଚଣ୍ଡୀ ପାଠାଗାର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଶଳା ଅବସରପ୍ରାପ୍ତ କର୍ମଚାରୀ ସେବାସଂଘ ସଭାପତି ଭାସ୍କର ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଆରଏସ୍‌ଏସ୍‌ର ଅନୁଗୋଳ ଜିଲା ମାର୍ଗ ପ୍ରମୁଖ ଜଗନ୍ନାଥ ସାହୁ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଉପଦେଷ୍ଟା ଗୋକୁଳାନନ୍ଦ ପ୍ରଧାନ, ବାମାଦେବ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପରିଚାଳନା କମିଟି ସମ୍ପାଦକ ସାରଦାପ୍ରଶାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଗଡ଼ିଆ ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ଛେଣ୍ଡିପଦା, ୧୯।୩ (ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ହାଇସ୍କୁଲ ପଡ଼ିଆରେ ଆନନ୍ଦ ସ୍ପୋର୍ଟ୍ସ କ୍ଲବ୍ ପକ୍ଷରୁ ଦିବାରାତ୍ର ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ବିନୋଦ କୁମାର ସରଲିଆଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଅନୁଗୋଳ ପୋଲିସ ଟ୍ରେନିଂ କଲେଜର ଏସ୍‌ପି ସେକ୍ ସରିଫ ଉଦ୍ଦିନ, ବରିଷ୍ଠ ଆଡଭୋକେଟ ପ୍ରଦୀପ ଭୂତିଆ, ପୂର୍ବତନ ସରପଞ୍ଚ ପ୍ରମିଳା ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଡ. ସତ୍ୟନାରାୟଣ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଦିଲ୍ଲୀ ଅଲ୍‌ଇଣ୍ଡିଆ ସିଆଇଏସ୍‌ଏଫ୍ ଓ ଛତିଶଗଡ଼ ରାଜ୍ୟ ଭଲିବଲ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଛତିଶଗଡ଼କୁ ହରାଇ ଦିଲ୍ଲୀ ଅଲ୍‌ଇଣ୍ଡିଆ ସିଆଇଏସ୍‌ଏଫ୍ ବିଜୟୀ ହୋଇଥିଲା। ଜାତୀୟସ୍ତରୀୟ ରେଫରି ନିରଞ୍ଜନ ନାୟକ ଓ ହିମାଂଶୁ ଦାସଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ରେଫରି ଆସୋସିଏଶନର ରାଜ୍ୟ ରେଫରି ବିଜୟ କୁମାର ବାଗ, ସଞ୍ଜୟ କୁମାର ବଳ, ନାରାୟଣ ଦଣ୍ଡସେନା, ସତ୍ୟଜିତ୍ ଦତ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆସୋସିଏଶନ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ତ୍ରିଲୋଚନ ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ଗଡନାୟକ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ଆଠମଲ୍ଲିକ, ୧୯।୩ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଅନୁଗୋଳ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଦେହୁରୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଧ୍ରୁବ ଚରଣ ବଡ଼ମାଳୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏବିଭିପିର କାର୍ଯ୍ୟକର୍ତ୍ତା, ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତ ଗୁରୁମା, ଗୁରୁଜୀ, ଛାତ୍ରୀଛାତ୍ର ଓ ସେବିକା ସେବକ ସହଯୋଗ କରିଥିଲେ। ଆଚାର୍ଯ୍ୟା ବବିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମ, ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ, ୧୯।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳରେ ହିନ୍ଦୁ ନବବର୍ଷ ପାଳନ ଅବସରରେ ଶୈଳଶ୍ରୀକ୍ଷେତ୍ର ସମ୍ମୁଖରେ ଭବ୍ୟ ଓ ଆଡମ୍ବରପୂର୍ଣ୍ଣ ଉତ୍ସବ ଆୟୋଜିତ ହୋଇଥିଲା। ୧୦୮ଟି ଦୀପ ପ୍ରଜ୍ୱଳନ କରି ନବବର୍ଷକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇ ସମୂହ ହନୁମାନ ଚାଳିଶା ପାଠ କରିଥିଲେ। ସନ୍ଧ୍ୟାରେ ନୃତ୍ୟନୀଳୟ ପକ୍ଷରୁ ଆୟୋଜିତ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନକୁ ବେଶ୍ ଛୁଇଁଥିଲା। ପରେ ଅତିଥିମାନଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋବର୍ଦ୍ଧନ ମଠ ସଂଯୋଜକ ସ୍ୱାମୀ ସଚ୍ଚିଦାନନ୍ଦ ସାରସ୍ୱତୀ ମହାରାଜ ଯୋଗଦେଇ ଧର୍ମ ଓ ସଂସ୍କୃତିର ସୁରକ୍ଷା ପାଇଁ ସମାଜକୁ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଦିତ୍ୟ ବାହିନୀର ଅଧକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗଦେଇ ହିନ୍ଦୁ ପରମ୍ପରା ଓ ଐତିହ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ହିନ୍ଦୁ ନବ ବର୍ଷର ଆଧାତ୍ମିକ ଓ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହାସହ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ସମିତିର ସଭାପତି ହେମନ୍ତ ଦାସ ଦାସ ଓ ସମ୍ପାଦକ ପଦ୍ମ ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

